


କୃଷ୍ଣଚୂଡ଼ାର କିଛି ବୃନ୍ତଚ୍ୟୁତ ସ୍ତବକ ବୃକ୍ଷତଳକୁ ସଂପୂର୍ଣ୍ଣ ଆଚ୍ଛାଦିତ କରି, ଦର୍ଶକ ମନରେ ପ୍ରତ୍ୟୟ ସୃଷ୍ଟି କରିପାରିଛି ଯେପରି ରକ୍ତାଭ ପାଟପତନୀର ଏକ ଘନ ଆସ୍ତରଣ । ତନ୍ମଧ୍ୟରୁ ଗୋଟିଏ ସ୍ତବକକୁ ତଳୁ ଉଠାଉ ଉଠାଉ ପ୍ରଶ୍ନ କଲେ ପୁରୁରବା, ସଖୀ ! ଘନ ତମସାର କୃଷ୍ଣ ଆସ୍ତରଣ ଭେଦ କରି ତୁମେ କେବେ ଦୂରରୁ ମୋତେ ଅବଲୋକନ କରିବାର ବୃଥା ଚେଷ୍ଟା କରିଥିଲ କି ? ଉତ୍ତରରେ ଦିବ୍ୟା କହିଲେ, ପ୍ରିୟ ମୁଁ ଯେ ମୋ' ଅନ୍ତରତମ ପ୍ରଦେଶରେ ତୁମର ଚିର ଉଦ୍‌ଭାସିତ ପ୍ରକାଶର ପରିପ୍ରକାଶ ପାଇଁ ସତତ ଚେଷ୍ଟିତ । ତେଣୁ ଦୂରରୁ ତୁମକୁ ଦେଖିବାର ଉଦ୍‌ଭ୍ରାନ୍ତ ପ୍ରଚେଷ୍ଟା ପରି ବିହ୍ୱଳତା ମୁଁ କରି ପାରିନାହିଁ । ପାଖରେ ପାଇ ନ ଦେଖିବାର ଅଭୀପ୍‌ସା ମୋର କେବେ ରହିଲା କି ନାହିଁ ମଧ୍ୟ । କାରଣ ତୁମେ ଯେ ସର୍ବଦା ମୋର ପାଖରେ ଥାଅ, ମୋର ମନରେ ଅତୀନ୍ଦ୍ରିୟ ଆବେଗ ଭାବରେ ।

ସେଦିନ ଜ୍ୟୋତ୍ସ୍ନା ପ୍ଲାବିତ ପୂର୍ଣ୍ଣିମା ରଜନୀର ଏକ ବ୍ରାହ୍ମମୁହୂର୍ତ୍ତରେ ଏକ ସଦ୍ୟସ୍ନାତା କିଶୋରୀ ବଧୂ ଭାବରେ ଆବିଷ୍କାର କରନ୍ତି ପୁରୁରବା ଦିବ୍ୟାଙ୍କୁ । ଦିବ୍ୟା ଯେ

ଅବର୍ଣ୍ଣନୀୟା ସୁନ୍ଦରୀ, ସେଥିରେ ସାମାନ୍ୟତମ ଦ୍ୱିଧା ନଥିଲା ପୁରୁଙ୍କର ପ୍ରଣୟସୁଲଭ ମନରେ । ମାତ୍ର ସୁନ୍ଦରତାର ବିଶ୍ୱ ମୋହନ ରୂପ ବେଳେ ବେଳେ ମୁନିମାନଙ୍କର ଚକ୍ଷୁଦ୍ୱୟରେ ଭ୍ରମର ଅବତାରଣା କରିପାରେ, ତାର କିଂଚିତ୍ ଅବତାରଣା ପୁରୁରବାଙ୍କର ସଂଦିଗ୍ଧ ମନରେ ଆସିଥିଲା । ସେ କହି ବସିଲେ ଦିବ୍ୟା ! ତୁମେ ଯେ ଅତୁଳନୀୟା ସୁନ୍ଦରୀ । ଆଉ ମୋ'ପରି ଏକ କଦାଚାର ଓ କଦାକାର ପୁରୁଷର ହାତଧରି, ତୁମ ଜୀବନ ଯେ ଆନନ୍ଦମୟ ତଥା ସାବଲୀଳ ହୋଇ ପାରିବ, ତା'ପାଇଁ ମୋର ସଂଦେହ ଅବଶ୍ୟମ୍ଭାବୀ । ତା'ର ପ୍ରତ୍ୟୁତ୍ତରରେ ଦିବ୍ୟା କହିଲେ ପ୍ରିୟ ! ବସ୍ତୁର ସୁନ୍ଦରତା ତାର ଅଙ୍ଗ ସୌଷ୍ଠବରେ ସନ୍ନିହିତ ହୋଇ ନଥାଏ, ତାହା ଥାଏ ଦର୍ଶକର ନମନୀୟ ଆଖିରେ । ମୋ' ଆଖିରେ ତୁମେ ଯେ ସୁନ୍ଦରତମ ପୁରୁଷ । ତା'ର ଦ୍ୱିଧା ମୋର ଅନ୍ତରରେ ଅନ୍ତତଃ ଆସି ନପାରେ । ଦୀର୍ଘ ମରୁଭୂମିର ବାଲୁକା ଶେଯରେ ଚଳତ୍‌ମାନ ପଥିକର ଦୃଷ୍ଟିପଥରେ ମରୀଚିକା ଦୃଶ୍ୟମାନ ହେବାରେ କୌଣସି ବୈଚିତ୍ର୍ୟତା ନାହିଁ । ମରିଚୀକା ଅତିକ୍ରମ କରି ପଥିକ ଅଧିକ ପଥ ଅଗ୍ରସର ହେଲେ ହୁଏତ ସୁଦୃଶ୍ୟ ମରୁଦ୍ୟାନ ତା'ର ଦୃଷ୍ଟିପଥାରୁଢ଼ ହୁଏ । ଯାହାର ପ୍ରତୀୟମାନ ହୁଏତ ପଥିକର ଚିନ୍ତାଶକ୍ତିର ବାହାରେ । ବାସ୍ତବିକତାକୁ ଦେଖି ସେ ହୋଇଯାଏ ମୁହ୍ୟମାନ ଏବଂ ତା'ର ତୃଷ୍ଣାର ପରିସମାପ୍ତି ଘଟାଏ ମରୁଦ୍ୟାନରେ ଏକୀଭୂତ ଜଳରାଶିର ସଂଦର୍ଶନରେ ତଥା ପରିତୃପ୍ତ ହୁଏ ଜଳପାନରେ ।

ପୁରୁ ! ନାରୀ ଈଶ୍ୱରଙ୍କ ମୁହ୍ୟମାନ ସୃଷ୍ଟିର ଏକ ଅପରୂପ ସମ୍ଭାର । ସେ ଯେ ସମସ୍ତ ସୃଜନୀର ପରମ ଉପଜୀବ୍ୟ । ତା'କୁ ନେଇ କବିର କବିତା ରସୋଦୀପ୍ତ । ତା'କୁ ନେଇ ଶିଳ୍ପୀ ଯେଉଁ ମୂର୍ତ୍ତିମନ୍ତ ଅମୃତ ସମ୍ଭାର ସୃଷ୍ଟି କରନ୍ତି, କୋଣାର୍କର ଲାସ୍ୟମୟୀ ମୂର୍ତ୍ତି ହିଁ ତାର ପରିପ୍ରକାଶ । ବିଥୋଭେନ୍‌ଙ୍କର ସଂଗୀତ ସୃଷ୍ଟିର ମଧୁମୂର୍ଚ୍ଛନା ପଛରେ ହିଁ ନାରୀର ଛନ୍ଦୋଦୀପ୍ତ ଅଂଗଭଙ୍ଗୀର ରୂପାୟନ ନିହିତ । ତେଣୁ ପୁରୁଷ ଓ ନାରୀ, ଆଦାମ ଓ ଇଭ୍, କେଦାର ଓ ଗୌରୀ, ରେଶ୍‌ମା ଆଉ ଶେରା ସବୁ ଏଇ ପ୍ରେମମୟ ସୃଷ୍ଟିରେ ଦୁଇଟି ବିଭାବର ସୁନ୍ଦରତମ ପରିପ୍ରକାଶ ମାତ୍ର ।

କ୍ଷୀରାବ୍ଧିର ଘନ ଜଳରାଶିର ନୀଳିମାକୁ ଦେଖି ଦେଖି ପୁରୁ ସେଦିନ ଦିବ୍ୟାଙ୍କର ଆଖିରେ ତା'ର ଘନତ୍ୱକୁ ମାପିବାର ଚେଷ୍ଟା କରୁଥିଲେ । ସାଗରର ବିଜନ ବେଳାରେ ମଥା ପିଟି ପିଟି ଆଘାତ ପ୍ରାପ୍ତ ଲହରୀକୁ ଚାହିଁ ପୁରୁ କହି ଉଠିଲେ ଦିବ୍ୟା ! ଏ ଲହରୀ ସମୁଦାୟକୁ ଦେଖି ମୋର ମନ ଉଦ୍‌ବେଳିତ ହୋଇ ଉଠେ ଯେ ସାଗରକୁ ଭଲ ପାଇ

ପାଇ ବାରବାର ଆଘାତ ପାଇବି, ସେଥିରୁ ମୁକ୍ତି ପାଇବାର ଚେଷ୍ଟା ବି ଲହରୀ କରି ପାରେନା । ତୁମ ପରି ଏକ ସୁନ୍ଦରତାର ମୂର୍ତ୍ତିମନ୍ତ ସ୍ୱରୂପ ପାଇ ମୋର ମନ ଆକାଶରେ ପ୍ରତିଟି ଚଂପକକଳୀ କୁସୁମିତ ହୋଇ ଉଠିଛି ଏବଂ ସୌରଭ ବିକିରଣ କରି ପାରିଛି । ତୁମର ଚିର ସାନ୍ନିଧ୍ୟରେ ହୁଏତ ଆମର ଚଲାପଥ ସାବଲୀଳ ତଥା ରସୋଦୀପ୍ତ ହୋଇ ଉଠିବ । ତୁମେ ପଶ୍ଚିମାକାଶର ଅସ୍ତରାଗ ଦେଖି ସ୍ମୃତି ବିଭ୍ରମର ଅପଚେଷ୍ଟା କରି ନାହଁ ତ ? ମାନେ ସୁସ୍ପଷ୍ଟ । ତୁମେ ତୁମର ପ୍ରଥମ ପ୍ରେମର ପ୍ରଥମ ସ୍ମୃତିକୁ ଭୁଲିବାର ଚେଷ୍ଟା କରିଛ ନିଶ୍ଚୟ । ହେଲେ ପାରିଛ ତ ? ଦିବ୍ୟା କହିଲେ, ପୁରୁ ! ଅବଳା ଦୁର୍ବଳା । ତାର ମନ ମୁକୁରରେ ଥରେ ପ୍ରତିବିମ୍ବିତ ଛବି, ଦୂରେଇ ଯିବା ସହ ପ୍ରତିବିମ୍ବ ମଧ୍ୟ ଅପସାରିତ ହେବା ବିଧେୟ । ମୋର ମନ ଫଟୋ ଉଠା ଯନ୍ତ୍ରର ଏକ ଅବ୍ୟବହୃତ ରିଲ୍ ନୁହେଁ ଯେ ଥରେ ଉତ୍ତୋଳିତ ହେଲେ, ତାହା ଅନ୍ୟ ଛବିକୁ ଧରି ରଖିବାର ଧର୍ମ ହରାଇ ବସିବ ?

ତୁମ ସହିତ ପ୍ରଥମ ଦେଖାରେ ମୁଁ ଯେ ନିଜକୁ ସ୍ୱଚ୍ଛ ତଥା ପବିତ୍ର ଭାବରେ ସମର୍ପଣ କରିବାର ପ୍ରଚେଷ୍ଟା କରିଛି । ପୁଷ୍ପ ତଥା ନୈବେଦ୍ୟ ପୂଜ୍ୟକୁ ଅର୍ପଣ କରାଯାଏ ନିଷ୍ଠାର ସହିତ । ତାହା କେତେଦୂର ପୂଜ୍ୟ ଦ୍ୱାରା ଗ୍ରହଣୀୟ ତାହା ପୂଜ୍ୟ ହିଁ ବିବେଚନା କରିବା ଉଚିତ୍ । ମାନେ ପୂଜ୍ୟ ପୂଜାର ଗଭୀରତା ପୂଜ୍ୟ ତଥା ପୂଜକ ଦୁହେଁ ଜାଣନ୍ତି, ଯାହା ସୁସ୍ପଷ୍ଟ ।

ଦିବ୍ୟା ! ଜଳସ୍ରୋତର ଧର୍ମ ନିମ୍ନଗାମୀ ହେବା ଏବଂ ନଦୀ ଏକ ଜଳସ୍ରୋତ ଭାବେ ନିମ୍ନଗାମୀ ହୋଇ ଅଚିରେ ସାଗର ସଂଯୋଗ ଦ୍ୱାରା ନିଜର ସତ୍ତା ହରାଇ ଥାଏ । ତୁମର ମନ ଆଇନାରେ ମୁଁ ନିଜର ପ୍ରତିବିମ୍ବ ଦେଖି ଅନେକ ଲଜ୍ଜିତ ହୋଇଛି । ସମୁଦ୍ର ସଂଯୋଗ ଯୋଗୁଁ ନଦୀ ନିଜର ସତ୍ତା ବିସ୍ମରିବା ପରି, ହୁଏତ ମୋର ମିଳନରେ ତୁମେ ଅନ୍ତରଙ୍ଗ ଭାବେ ନିଜକୁ ସମର୍ପଣ କରି ସାରିଛ । ଏହା ମୋର ଏକ ସ୍ପଷ୍ଟୋକ୍ତି । ମାତ୍ର ପ୍ରୀତିନନ୍ଦା ପରି ଅନେକ ପ୍ରୀତିନନ୍ଦାଙ୍କୁ ସାଥିରେ ନେଇ ମୁଁ ଏକ ପ୍ରବହମାନ ଅଳକାନନ୍ଦା ହୋଇ ଯାଇଛି । ମୋର ଅନେକ ବିନିଦ୍ର ରଜନୀ ଏମାନଙ୍କ ସାନ୍ନିଧ୍ୟରେ ବିତିତ ହୋଇଛି । ଏହା ତୁମର ପ୍ରତୀୟମାନ ନହେଲେ ମଧ୍ୟ ମୋର ଚରମ ଗୋପନୀୟତାର ପରିପ୍ରକାଶ ଯେ ମୁଁ ପୁରୁରବା, ପୁରୁଷାର୍ଥହୀନ ଏକ ବ୍ୟର୍ଥ ପୁରୁଷ । ତଥାପି କ'ଣ ତୁମେ ମୋତେ ଚାହଁ ଦିବ୍ୟା ?

ପୁରୁ ! ସ୍ତ୍ରୀ ଯେ ସର୍ବଂସହା । ସେ ଯେ ଜ୍ଞାନବରା, କରୁଣା ତଥା ତିତିକ୍ଷାର ସାଗର । ସେ ଯେ ଅନନ୍ତ ଆକାଶର ଗଭୀରତା ନିଜ ଭିତରେ ମାପିପାରେ । ସେ ଯେ ସୀମାହୀନ ସାଗର ପରି ଦୁଃଖ ପଟଳକୁ କବଳିତ କରି ନିଜ ମୁଖରେ ହସ ଫୁଟାଇ ପାରେ । ତେଣୁ ହେ ପ୍ରିୟ ! ପୁରୁ ! ତୁମର କଦାକାର ଅଙ୍ଗଶ୍ରୀ, ତୁମର କଦାଚାର ବ୍ୟବହାର, ଅନେକ ପ୍ରେମିକାର ନାୟକତ୍ୱ, ତଥା ହୀନ ପୁରୁଷାର୍ଥର ମୂର୍ତ୍ତିମନ୍ତ ପ୍ରତୀକ ତୁମେ ମୋତେ ସ୍ୱୀୟ ପଥରୁ ବିଚ୍ୟୁତ କରି ପାରିବ ନାହିଁ । ମୁଁ ତୁମକୁ ଚାହେଁ ପୁରୁ ! ମୋର ସ୍ୱାମୀ ଭାବରେ ଚାହେଁ ।

ଆସ ଆମେ ଦୁହେଁ ଲକ୍ଷ ସ୍ୱର୍ଗର ପରିକଳ୍ପନା କରି ବସିବା ।

